# ଦୁର୍ଦ୍ଦିନରେ ଗଣା ବଜା କଳାକାର ପରିବାର

ଲାଠୋର,୨୭।୨(ଭୁବନେଶ୍ୱର ବାରିକ)

କାହିଁ ପୂର୍ବ କାଳରୁ ଅନୁସୂଚିତ ଜାତିର ଗଣା ଉପଜାତି ସଂପ୍ରଦାୟର ଲୋକ ଗଣା ବଜା(ବାଜା)କୁ ନିଜର କୌଳିକ ବୃତ୍ତି ରୂପେ ଆପଣେଇ ଆସିଛନ୍ତି। ତାଙ୍କ ଜାତି ଅନୁସାରେ ବଜାର ନାମ ଗଣା ବଜା (ବାଜା) ବୋଲି ନାମକରଣ କରାଯାଇଥିବା ଅନେକ ଲୋକ କୁହନ୍ତି। କୁହାଯାଏ ବହୁ ପୂର୍ବରୁ ଲୋକେ ମନୋରଞ୍ଜନ ପାଇଁ ବିଭିନ୍ନ ବସ୍ତୁକୁ ନେଇ ବଜା ରୂପେ ବ୍ୟବହାର କରୁଥିଲେ। ଧୀରେ ଧୀରେ ଶିକ୍ଷାର ବିକାଶ ହେବାକୁ ଲାଗିଲା। ଲୋକ ଜ୍ଞାନ, କୌଶଳ ଅର୍ଜନ କରିବା ସହ ଉକ୍ତ ବଜାକୁ ରୂପରେଖ ଦେବାରେ ସକ୍ଷମ ହେଲେ। କହିବାକୁ ଗଲେ ସମ୍ବଲପୁରୀ ସଂସ୍କୃତିର ମୂଳ କେନ୍ଦ୍ର ହେଉଛି ଗଣା ବଜା। ବର୍ତ୍ତମାନ ଗଣା ବଜା କହିଲେ ସାଧାରଣତଃ ଢୋଲ, ଲିସାନ, ତାସା ଏବଂ ମୁହୁରୀକୁ ବୁଝାଇଥାଏ। ଚାରି ଗୋଟି ଯାକ ବାଦ୍ୟ ଏକତ୍ର କରି ବଜେଇବାକୁ ପଡ଼ିଥାଏ। ଗଣା ଉପଜାତିର ଲୋକ ଏହି ବଜାକୁ ପୂର୍ବ କାଳରୁ ବଜେଇ ଆସୁଛନ୍ତି। କୌଣସି ପର୍ବପର୍ବାଣୀ,ବିଭିନ୍ନ ଦେବୀ ମନ୍ଦିର ତଥା ବାହା ଘର, ବ୍ରତଘର, ନୂତନ ଘର ପ୍ରତିଷ୍ଠା ଇତ୍ୟାଦିରେ ଏହି ବଜା ବାଜିଥାଏ। ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ ନୂଆଖାଇରେ ମଧ୍ୟ ବିଭିନ୍ନ ସଂପ୍ରଦାୟର ଲୋକେ ନିଜ ନିଜ ଦେବୀ ଗୁଡ଼ିଗୁଡିକରେ ଏହି ବଜାର ବ୍ୟବହାର କରିଥାନ୍ତି।

ବଜା ବିନା ନୂଆଁଖାଇ ପର୍ବ ପାଳନ କରିବା ସମ୍ଭବ ହୋଇ ନ ଥାଏ। ପଶ୍ଚିମ ଓଡ଼ିଶାରେ ଏହି ବଜାର ନାମ ଗଣା ବଜା ବୋଲି କୁହାଯାଉଥିବା ବେଳେ ରାଜ୍ୟର ଅନ୍ୟ ସ୍ଥାନରେ ଅନ୍ୟ ନାମରେ ଲୋକ ଜାଣିଥାନ୍ତି। ଦେଶର ବିଭିନ୍ନ ରାଜ୍ୟରେ ବିଭିନ୍ନ ନାମରେ ଏହି ବଜା ରହିଛି। ସେ ସ୍ଥାନରେ ପାଳିତ ହେଉଥିବା ପର୍ବପର୍ବାଣୀରେ ଏହି ବଜାର ବହୁଳ ବ୍ୟବହାର ହୋଇଥାଏ। ଓଡ଼ିଶାର ପଡୋଶୀ ଛତିଶଗଡ଼ ରାଜ୍ୟରେ ଏବେ ମଧ୍ୟ ଏକ ପରମ୍ପରା ରହିଛି। ପରମ୍ପରା ଅନୁସାରେ ଦିପାବଳୀ ପର୍ବରେ ସେଠାକାର ଲୋକ ଗଣା ବଜା କଳାକାରମାନଙ୍କୁ ତାଙ୍କ ଘରେ ୫ ଦିନ ପର୍ଯ୍ୟନ୍ତ ବଜା ବଜେଇବା ପାଇଁ ୧୦ରୁ ୧୫ ହଜାର ଟଙ୍କାରେ ଚୁକ୍ତି କରି ନେଇଥାନ୍ତି। ସେଥିପାଇଁ ପଶ୍ଚିମ ଓଡ଼ିଶାର ଗଣା ବଜା କଳାକାରମାନେ ତାଙ୍କର ବାଦ୍ୟ ଧରି ଛତିଶଗଡ଼ ରାଜ୍ୟକୁ ଯାଇଥାନ୍ତି। ଏବେ ଗଣା ବଜା ବିଭିନ୍ନ କାରଣରୁ ଲୋପ ପାଇବାକୁ ବସିଥିଲେ ମଧ୍ୟ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର କେତେକ କଳାକାର ଏହି କୌଳିକ ବୃତ୍ତିକୁ ବଞ୍ଚେଇ ରଖିଛନ୍ତି। ଦିନ ଥିଲା ଖପ୍ରାଖୋଲ ବ୍ଲକର ପ୍ରତ୍ୟେକ ଗ୍ରାମରେ ଗଣା ବଜା କଳାକାରମାନେ ଥିଲେ। ଏବେ ଜଲପାଙ୍କେଲ, ଜାମଚୁଆଁ, ବାଗଡ଼ିଆ, ଫୁଲକିମୁଣ୍ଡା, କର୍ଲାକଟନା, ବେନକେରା, ଭାନପୁର, ଜଲିଆବାହାଲ, ବେଦେର, ବାଦିମାଲ ଆଦି ୮ ରୁ ୧୦ ଗୋଟି ଗ୍ରାମର କଳାକାରମାନେ କେବଳ ବଜା ବଜାଉଛନ୍ତି।

ପଶ୍ଚିମ ଓଡ଼ିଶାର ସଂସ୍କୃତି ଏବଂ ଐତିହ୍ୟକୁ ବିଶ୍ୱ ଦରବାରରେ ପହଁଞ୍ଚାଇଥିବା ଗଣା ବଜା ପ୍ରଭାବିତ ହେବାର ମୁଖ୍ୟ କାରଣ ହେଉଛି ସରକାରୀ ପ୍ରୋତ୍ସାହନର ଅଭାବ ସାଙ୍ଗକୁ ବଜାର ବଜାରୀକରଣ। ସରକାର କଳାକାର ଭତ୍ତା ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରୁଛନ୍ତି। ହେଲେ ଖପ୍ରାଖୋଲ ବ୍ଲକରେ ହାତଗଣତି କେତେଜଣ ବାଦ୍ୟକାରମାନଙ୍କୁ ଛାଡ଼ି ଦେଲେ ଅନ୍ୟମାନେ ଭତ୍ତା ପାଉ ନାହାନ୍ତି। ସେହିପରି ବର୍ତ୍ତମାନ ଗଣା ବଜାକୁ ଦୁଲଦୁଲି ,ପଞ୍ଚବାଦ୍ୟ ଓ ଡ୍ରମ ବାଜା ଇତ୍ୟାଦିର ନାମକରଣ କରି ବଜାରରେ ପ୍ରବେଶ କରାଯାଇଛି। ଫଳରେ ଭିନ୍ନ ରୂପରେ ଏହି ବାଦ୍ୟ ବଞ୍ଚିଥିବା ବେଳେ ପ୍ରକୃତ ବାଦ୍ୟକାରଙ୍କ ସଂଖ୍ୟା କମିବାରେ ଲାଗିଛି। ଯେଉଁମାନେ ଏହି ବଜା ବଜାଉ ଥିଲେ ତାଙ୍କ ପରିବାର ଏବେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ସରକାରୀ ଭାବେ ପଞ୍ଚାୟତରୁ ମିଳୁଥିବା ସରକାରୀ ଚାଉଳ ଏବଂ ବିଭିନ୍ନ ଭତ୍ତା ଉପରେ ନିର୍ଭର କରି ଚଳୁଛନ୍ତି। ମହଙ୍ଗା ଯୁଗରେ ସେମାନେ ସେତିକିରେ ଚଳିବା ସହ ପିଲା ଛୁଆଙ୍କୁ ପାଠ ପଢେଇବା ତାଙ୍କ ପାଇଁ କଷ୍ଟକର ହେଉଛି। ପରିବାର ପ୍ରତିପୋଷଣ ପାଇଁ କଳାକାରମାନେ ବଜାଠାରୁ ମୁହଁ ଫେରାଇ ଦାଦନ ମୁହାଁ ହୋଇ ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ଦେଖାଯାଉଛି। ଏଣୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯିବା ସହ ବଜା ଉପରେ ଗବେଷଣାକେନ୍ଦ୍ର ଖୋଲି ଗବେଷଣା କରିବା ଅବଶ୍ୟକତା ରହିଛି। ସରକାରୀ ଭାବେ ବିଭିନ୍ନ ସ୍ଥାନରେ ତାଲିମ କେନ୍ଦ୍ର ଖୋଲି ତାଲିମ ପ୍ରଦାନ କରାଯିବା ଓ ଏହାର ପ୍ରଚାର ପ୍ରସାର କଲେ ଏହି କୌଳିକ ବୃତ୍ତି ବଞ୍ଚି ରହିବ ବୋଲି ମତ ପ୍ରକାଶ ପାଉଛି।


ଗଣା ବଜା କଳାକାରମାନେ ବଜା ବଜାଉଛନ୍ତି।

- ବଜା ଉପରେ ଗବେଷଣା କରାଯାଉ
- ସରକାରୀ ପ୍ରୋତ୍ସାହନ ଅଭାବ

### ସେମାନେ ଯାହା କୁହନ୍ତି...

" ଗଣା ବଜାର ସଂରକ୍ଷଣ, ଗବେଷଣା ଏବଂ ପ୍ରଚାର ପ୍ରସାର ଦିଗରେ ସରକାର ଗୁରୁତ୍ୱ ଦେବା ସହିତ କଳାକାରମାନଙ୍କ ସୁରକ୍ଷା ପ୍ରସଙ୍ଗରେ ତତ୍ପର ହେବା ଉଚିତ୍ ।

**ଗଜମଣି ବାଗ, ଶିକ୍ଷକ, ସମାଜସେବୀ**

" ସମ୍ବଲପୁରୀ ସଂସ୍କୃତିର ମୂଳକେନ୍ଦ୍ର ହେଉଛି ଗଣା ବଜା। ପଶ୍ଚିମ ଓଡ଼ିଶାର ସଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ମାଧ୍ୟମ ସାଜିଛି ଗଣା ବଜା। ସରକାରୀ ଓ ସାମାଜିକ ବ୍ୟବସ୍ଥା ଯୋଗୁ ଗଣା ବଜାର ଅସ୍ତିତ୍ୱ ଏବେ ସଙ୍କଟାପନ୍ନ ଅବସ୍ଥାରେ ରହିଛି।

**ମୁକେଶ ସୁନା, ଶିକ୍ଷକ**

" ବଜା ବଜାଉଥିବା ଲୋକଙ୍କ ଏକ ତାଲିକା ପ୍ରସ୍ତୁତ କରି ତାଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ନ ଦେଲେ ଧୀରେ ଧୀରେ ବଜା ସହ ବାଦ୍ୟକାର ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯିବା ଆଶଙ୍କା କରାଯାଉଛି।

**ତନ୍ତ୍ର ଧରୁଆ, ସମ୍ପାଦକ, ଡାଇଜ ଯୁବ ଅନୁଷ୍ଠାନ**

# ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ



ଦେଓଗାଁ ସାଲେପାଲି ବାର୍ଦ୍ଧକ୍ୟ ଆବାସରେ ସଚେତନତା କାର୍ଯ୍ୟକ୍ରମ।

ଦେଓଗାଁ,୨୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଗ୍ରାମମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ବାର୍ଦ୍ଧକ୍ୟ ଆବାସଠାରେ ହେଲପେଜ ଇଣ୍ଡିଆ ଭୁବନେଶ୍ୱର ଶାଖା ତରଫରୁ ବୟୋଜ୍ୟେଷ୍ଠ ନାଗରିକ ଆବାସର ଅନ୍ତେବାସୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଂସ୍ଥାର ରାଜ୍ୟ ସଂଯୋଜକ ଦେବଶ୍ରୀ ବ୍ରହ୍ମା ,ପ୍ରକଳ୍ପ ପରିଚାଳକ ଅନୁସୂୟା ଦାଶ ଯୋଗଦେଇ ଅନ୍ତେବାସୀମାନଙ୍କ ସହ ଆଲୋଚନା କରି ସ୍ଥିତି ପରଖିଥିଲେ। ଏଥିସହ ନାଗରିକ ଆବାସରେ ଏକ ପରିବାର ସଦୃଶ ରହିବା ପାଇଁ ପରାମର୍ଶ ଦେଇଥିଲେ। ଶାରୀରିକ ତଥା ମାନସିକ ସ୍ତରରେ କୌଣସି ସମସ୍ୟା ଦେଖାଦେଲେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିବପ୍ରସାଦ ସାହୁ ସଂଯୋଜନା କରିଥିବା ବେଳେ ଅଧୀକ୍ଷକ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ,କାହ୍ନୁ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଦେଓଗାଁ,୨୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁଖ୍ୟାଳୟ ବସଷ୍ଟାଣ୍ଡଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଟିଟିଲାଗଡ ଡିଭିଜନ ଦେଓଗାଁ ରେଞ୍ଜ କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ରାଜପଥ ଅବରୋଧ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ପୋଲିସ ପକ୍ଷରୁ ଗୋଟିଏ ପ୍ଲାଟୁନ ଫୋର୍ସ ମଧ୍ୟ ମୁତୟନ ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ କେନ୍ଦୁପତ୍ର ବିଭାଗ ପକ୍ଷରୁ ଆସିଷ୍ଟାଣ୍ଡ ଚିଫ୍ କଞ୍ଜାରଭେଟରଙ୍କ ପତ୍ରସଂଖ୍ୟା ୧୧୩୦ରେ କେନ୍ଦୁପତ୍ର କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କ ୧୭ଦଫା ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ଆସିଥିଲା। ଫଳରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ନେଇ ସ୍ଥାନୀୟ ସଂଘ ସମ୍ପାଦକ ରାଜକିଶୋର ମେହେର ସୂଚନା ଦେଇଛନ୍ତି। ଆଗକୁ ଦାବି ପୂରଣ କରା ନ ଗଲେ ରାଜପଥ ଅବରୋଧ କରାଯାଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସ୍ୱପ୍ନେଶ୍ୱର ବାବା ମନ୍ଦିର ରତ୍ନମୁଦ ଉତ୍ସବ

ଦେଓଗାଁ,୨୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ବଡବନ୍ଧରେ ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପୁନଃ ନିର୍ମାଣ ପରେ ଶୁକ୍ରବାର ରତ୍ନମୁଦ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ସକାଳୁ ରୀତିନୀତି ଅନୁସାରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ମନ୍ଦିର ଶୀର୍ଷରେ ରତ୍ନମୁଦ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଶୁଶିଲ କୁମାର ଚାନ୍ଦ ଓ ତାଙ୍କ ପତ୍ନୀ ରଶ୍ମିତା ଚାନ୍ଦ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ସୁଦର୍ଶନ ପୁରୋହିତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ବ୍ଲକ ବିଜେଡି ସଭାପତି ଅଚ୍ୟୁତ ମିଶ୍ରଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁ କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ। ଆସନ୍ତା ମାସ ୧୮ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଉପଲକ୍ଷେ ୫୬ ପ୍ରହରୀ ନାମଯଜ୍ଞ, ତୁଳସୀ ରାମାୟଣ ପାରାୟଣ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ଯଜ୍ଞ ଆଦି ଅନୁଷ୍ଠିତ ହେବ।



# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦେଓଗାଁ,୨୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପୁରୁଷୋତ୍ତମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଗ୍ନିଶମ କର୍ମଚାରୀ ଡୋଳାମଣି ଷାଣ୍ଢ ଓ ବିକ୍ରମ ରାଉଳ ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ଦିଗଦର୍ଶନ ଦେଇଥିଲେ। ମାଷ୍ଟର ଟ୍ରେନର ପ୍ରେମବତୀ ଜାଲ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶ୍ରୀନିବାସ ଗଡତ୍ୟା, ବିନ୍ଦୁ ସାଗର ବେହେରା, ଜଗଦୀଶ ସିଂ ବାବୁ, ବ୍ୟାସଦେବ ଦଣ୍ଡସେନା, ସଙ୍ଗୀତା ମେହେର, ଶ୍ରୀତମ ଯୋଷୀ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଧିକାରୀ ନଳିନୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ମେହେର, ଖୁସୀରାମ କଠାର, ଧ୍ରୁବଚରଣ ବାରିକ, କମଳ ମେହେର, ଧନେଶ୍ୱର ଥନାପତି, ଶଙ୍କର ପଧାନ, କିଶୋର ମେହେର,ସରୋଜ ସାମଲ,ସନ୍ତୋଷ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ।



ତାଲିମ ଶିବିର ଉଦ୍‌ଯାପନୀ ଅବସରରେ ଛାତ୍ରୀଙ୍କୁ ସମ୍ମାନିତ କରାଯାଉଛି


ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମାଲପଡ଼ା ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୨୭।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ମାଲପଡା ନାଗରିକ କମିଟିର ଏକ ବିଶେଷ ଅଧିବେଶନ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲପଡାର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହୋଇଥିଲା । ଆଲୋଚନା ପରେ ମାଲପଡାର କେତେକ ସଦସ୍ୟ ବଲାଙ୍ଗୀର ନାଗରିକ କମିଟିର ସଦ୍ୟ ସମାପ୍ତ ନିର୍ବାଚନରେ ଭାଗ ନେଇ ଜୟଯୁକ୍ତ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଭାକର ମିଶ୍ର ଯୋଗଦାନ କରିଥିଲେ। ନୂତନ ନିର୍ବାଚିତ ସଦସ୍ୟମାନଙ୍କୁ ପ୍ରଭାକର ମିଶ୍ର ଓ ପଡାର ପୌର କାଉନସିଲର ମହେନ୍ଦ୍ର କୁମାର ବାଗ ସମ୍ବର୍ଦ୍ଧିତ କରିଥିଲେ । ନାଗରିକ କମିଟି ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ତ୍ରିନାଥ ସାହୁ, କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ତରୁଣ କୁମାର ମିଶ୍ର, ପ୍ରଦୀପ କୁମାର ସାହୁ, ପ୍ରକାଶ ନେପାକ, ଚନ୍ଦ୍ରମଣି ଭାଟି, ମୋତିଲାଲ ସାହୁଙ୍କୁ ଏହି ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ପଞ୍ଚାନନ ସେଠ୍, କୋଷାଧକ୍ଷ ଦିବାକର ହୋତା, ବରିଷ୍ଠ ସଭ୍ୟ ଆକୁଳ ବେହେରା, ବିମଳ କୁମାର ଚକ୍ରବର୍ତ୍ତୀ, ଦେବଜିତ ଯୋଷୀ, ଅମୀୟ କୁମାର ମିଶ୍ର, ଗଣେଶ ବେହେରା, ସୂର୍ଯ୍ୟଭାନୁ ମିଶ୍ର, ପ୍ରଦୀପ ନେପାକ, ସନ୍ତୋଷ ଅଗ୍ରୱାଲା, ସୁରେଶ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ। ଶେଷରେ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇମାଷ୍ଟ ଲାଇଟ ଚୋରି

ଲୋଇସିଂହା,୨୭।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ କ୍ରମାଗତ ଭାବରେ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଥାନା ଅନ୍ତର୍ଗତ ଜେଉଁଟିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଲାଗିଥିବା ହାଇମାଷ୍ଟ ଲାଇଟକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଗତ ୨୧ ତାରିଖରୁ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ସୁଦ୍ଧା ଚୋର ଧରା ପଡି ନ ଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ କେଉଁଟିପାଲି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରକାଶ ଯେ, ବର୍ଷକ ତଳେ ବିଧାୟକ ପାଣ୍ଠିରୁ ଗ୍ରାମର ହାଇସ୍କୁଲ ପରିସରରେ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ବାହାରେ ତଥା କେଉଁଟିପାଲି-ଘେଷରା ନାଲା ରାସ୍ତାରେ ୪ ଟିକିଆ ହାଇମାଷ୍ଟ ଲାଇଟ ଲଗାଯାଇଥିଲା। ରାତି ସମୟରେ ସ୍କୁଲ ପରିସର ଆଲୋକିତ ହେବା ସହିତ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକେ ଉପକୃତ ହେଉଥିଲେ। ହେଲେ ଗତ ୨୦ ତାରିଖ ରାତିରେ କେହି ହାଇମାଷ୍ଟ ଲାଇଟକୁ ଚୋରି କରି ନେଇଥିଲା। ୨୧ ତାରିଖରେ ଗ୍ରାମବାସୀ ଏନେଇ ଜାଣିବାକୁ ପାଇଥିଲେ।

# ୫୦ ବର୍ଷ ପୂର୍ତ୍ତି ପାଳନ କଲା ଲୋଇସିଂହା ଏସ୍‌ବିଆଇ ଶାଖା

ଲୋଇସିଂହା,୨୭।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଏସ୍‌ବିଆଇ ଶାଖା ୨୭ ଫେବୃଆରୀ ୧୯୭୬ରେ ପ୍ରତିଷ୍ଠା ହୋଇଥିଲା। ଶୁକ୍ରବାର ୫୦ ବର୍ଷ ପୁରିଥିବାରୁ ବ୍ୟାଙ୍କ ପକ୍ଷରୁ ୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଶାଖାର ମୁଖ୍ୟ ମ୍ୟାନେଜର ଶାଳୀନି କୁଲ୍ଲୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏସ୍‌ବିଆଇ ରିଜିଓନାଲ ମ୍ୟାନେଜର ପ୍ରଦ୍ୟୁମ୍ନ ସ୍ୱାଇଁ ଯୋଗଦେଇ କେକ୍ କାଟି ଉତ୍ସବ ମନାଇଥିଲେ। ମୁଖ୍ୟଅତିଥି ସ୍ୱାଇଁ ସହକର୍ମୀଙ୍କୁ ବ୍ୟାଙ୍କର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡା ଉପଭୋକ୍ତାଙ୍କ ପ୍ରତି ଉଚିତ୍ ବ୍ୟବହାର ପ୍ରଦର୍ଶନ ପୂର୍ବକ କାର୍ଯ୍ୟ କରି ବିଶ୍ୱାସଭାଜନ ହେବାକୁ ପରାମର୍ଶ ଦେଇଥିଲେ। ଶାଖାର ମୁଖ୍ୟ ମ୍ୟାନେଜର କୁଲ୍ଲୁଙ୍କ ସୂଚନା ଅନୁଯାୟୀ , ୧୯୭୬ରେ ଏହି ବ୍ୟାଙ୍କ ପ୍ରତିଷ୍ଠା ଲାଭ କରିଥିଲା । ଅଲ୍ଲୀନାସିର ସୟତ ପ୍ରଥମ ଉପଭୋକ୍ତା ଥିଲେ। ଅଦ୍ୟାବଧି ବ୍ୟାଙ୍କ ଉପଭୋକ୍ତା ସଂଖ୍ୟା ୪୯ ହଜାର ୧୪୨ ଜଣ ଅଛନ୍ତି । ବ୍ୟାଙ୍କରେ ୨.୭ କୋଟିର କାରବାର ହେଉଥିବା ସେ ସୂଚନା ଦେଇଥିଲେ। ବ୍ୟାଙ୍କ ଅଧୀନରେ ୧୪ଟି ପଞ୍ଚାୟତ ଅଞ୍ଚଳରେ ୧୪ ଟି ଜନସେବା କେନ୍ଦ୍ର ଓ ୨ଟି ସିଏସପି ପ୍ଲସ କାର୍ଯ୍ୟ କରି ଜନସେବା ପ୍ରଦାନ କରାଯାଇ ଆସୁଛି । ଏହଛଡା ବ୍ୟାଙ୍କ ପରିସରରେ ଏକ ଏଟିଏମ୍ ଓ ସିଡିଏମ୍(ଟଙ୍କା ଜମା ମେସିନ) ରହିଛି। ୮ଶହ ଚାଷୀଙ୍କୁ କୃଷିଋଣ ଦିଆଯାଇଛି। ବ୍ୟାଙ୍କ ପକ୍ଷରୁ ସରକାରଙ୍କ ବିଭିନ୍ନ ଯୋଜନା, ବୀମା ଯୋଜନା ଓ ସାଇବର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବ ମୁଖ୍ୟ ମ୍ୟାନେଜର କୁଲ୍ଲୁ କହିଛନ୍ତି।




# ଯୋଜନା ସମନ୍ୱୟ ଉପରେ ଗୁରୁତ୍ୱ

ବଲାଙ୍ଗୀର,୨୭।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ସଭାପତି ଦେବକୀ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ଏକାଦଶ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଉପାଧ୍ୟକ୍ଷା ମିଥିଳା ମାଝି, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ଅଧକ୍ଷା ଅଧକ୍ଷ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭାପତି ସାହୁ ବୈଠକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଉନ୍ନୟନ ଓ ଲୋକାଭିମୁଖୀ ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରାଥମିକ ଓ ଗଣଶିକ୍ଷା ବିଭାଗରେ ଖାଲିଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ପୂରଣ, ଶିକ୍ଷକ ସ୍ଥିତି ଓ ବିଦ୍ୟାଳୟ ଭିତ୍ତିଭୂମି ଉପରେ ଆଲୋଚନା ହୋଇଥିଲା। ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ଭତ୍ତା ଓ ସହାୟତା ପ୍ରଦାନ କରାଯାଇଥିଲା। କୃଷି ବିଭାଗ ଦ୍ୱାରା ଚଳିତ ରବି ଚାଷ ସମ୍ପର୍କିତ ବ୍ୟବସ୍ଥା ଓ ସମସ୍ୟା, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ପାଇପ ଜଳ ପ୍ରକଳ୍ପର ଅଗ୍ରଗତି, ଅଚଳ ନଳକୂପ ମରାମତି ଓ ନୂତନ ନଳକୂପ ଖନନ ଉପରେ ଆଲୋଚନା ହୋଇଥିଲା। ଅଙ୍ଗନବାଡି ଗୃହ ନିର୍ମାଣ ସମ୍ପର୍କରେ ସମ୍ପୂର୍ଣ୍ଣ ହୋଇଥିବା ଗୃହକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଓ ଅସମ୍ପୂର୍ଣ୍ଣ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଶିକ୍ଷକ ସ୍ଥିତି, ଛାତ୍ରାବାସ ପରିଚାଳନା ଓ ନୂତନ ଛାତ୍ରାବାସ ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ସିଏଚସି ଓ ପିଏଚସିର ନୂତନ କୋଠା ନିର୍ମାଣ, ଡାକ୍ତରଙ୍କ ସ୍ଥିତି ଓ ଚିକିତ୍ସା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏହାସହିତ ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ରାସ୍ତା ଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ବୈଠକ ନିର୍ଦ୍ଧାରିତ ସମୟରେ କିଭଳି ଅନୁଷ୍ଠିତ ହେବ ଏବଂ ଜିଲା ପରିଷଦର ବିଭିନ୍ନ ସବ୍‌କମିଟିଗୁଡିକର ବୈଠକ ନିୟମିତ ବ୍ୟବଧାନରେ ଆୟୋଜନ କରିବା ଉପରେ ଜୋର ଦିଆଯାଇଥିଲା। ବୈଠକରେ ଜିଲା ପରିଷଦର ସଭ୍ୟା ସଭ୍ୟ, ପଞ୍ଚାୟତ ସମିତି ଅଧକ୍ଷା, ଅଧକ୍ଷମାନେ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଏହାର ସମାଧାନ କରାଯିବାକୁ କହିଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ସଭାପତି, ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

**ଏକାଦଶ ବଲାଙ୍ଗୀର ଜିଲା ପରିଷଦ ବୈଠକ**

# ଯୁବ ଶକ୍ତି ଜାଗ୍ରତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ






ସୋନପୁର ମଡେଲ ଡିଗ୍ରୀ କଲେଜର ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ(ବାମ), ଉପସ୍ଥିତ ଛାତ୍ରୀମାନେ।

**ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)**

ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସେବା ଯୋଜନା ଏବଂ ମୋ ଭାରତ ସହଯୋଗରେ ସୋନପୁର ମଡେଲ ଡିଗ୍ରୀ କଲେଜର ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଦେବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜ୍ଜୁନ ମାଝୀ, ଜାତୀୟ ସେବା ଯୋଜନାର ଜିଲା ଅଧିକାରୀ ଧିରେନ୍ଦ୍ର କୁମାର ମିଶ୍ର ଏବଂ ମୋ ଭାରତର ସହକାରୀ ଅଧିକାରୀ କୃପାସିନ୍ଧୁ ସା ଯୋଗ ଦେଇଥିଲେ। ଭାରତର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି। ଯୁବ ଶକ୍ତି ଜାଗ୍ରତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ମଡେଲ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା ଅଧିକାରୀ ଡ. ସନ୍ତୋଷ ଭୋଇ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ କେଶବ ଭୂଏ ଧନ୍ୟବାଦ ପ୍ରଦାନ କରିଥିଲେ। ଶତାଧିକ ଛାତ୍ରୀଛାତ୍ର 'ଜରୁରୀକାଳୀନ ପରିସ୍ଥିତିର ୫୦ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ଉକ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ ନମାମି ତେଜସ୍ୱିନୀ ପଣ୍ଡା, ଜ୍ୟୋତିର୍ମୟୀ ପ୍ରଧାନ, ମାନସୀ ପଧାନ, ପ୍ରିୟାଜ୍ୟୋତି ପାଣିଗ୍ରାହୀ ଏବଂ ଆଶୁତୋଷ ପୂଝାରୀ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଡକ୍ଟର ସିଦ୍ଧାନନ୍ଦ ପ୍ରଧାନ, ଡକ୍ଟର ମନୋଜ କୁମାର ନାଗ, ଡକ୍ଟର ରାଜେଶ କୁମାର କର୍ଣ୍ଣ, ଧୀରେନ୍ଦ୍ର କୁମାର ମିଶ୍ର ଏବଂ ବେଣୁଧର ପ୍ରଧାନ ଏହି ତର୍କ ପ୍ରତିଯୋଗିତାର ବିଚାରକ ଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡକ୍ଟର ସୁମନ କୁମାର ତ୍ରିପାଠୀ, ଡକ୍ଟର ମାମିନୀ ପଣ୍ଡା, ଡକ୍ଟର ଶୁଭ୍ରାଂଶୁ ଶେଖର ସାହୁ, ପ୍ରିୟଦର୍ଶିନୀ ଘଡ଼େଇ, ସତ୍ୟବାନ ନାୟକ, ଚିନ୍ମୟୀ ମହାପାତ୍ର, ଶ୍ରୀକାନ୍ତ ଥନାପତି, ନେତ୍ରାନନ୍ଦ କୋଠାର ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

**ମଡେଲ ଡିଗ୍ରୀ କଲେଜରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ**

**ଜରୁରିକାଳୀନ ପରିସ୍ଥିତିର ୫୦ବର୍ଷ, ଭାରତୀୟ ଗଣତନ୍ତ୍ର ପ୍ରତି ଏକ ଶିକ୍ଷା**

# ଚମ୍ପାମାଲ ଚମ୍ପେଶ୍ୱର ବାବାଙ୍କ ପଞ୍ଚଦୋଳ ମହୋତ୍ସବ

**ବୀରମହାରାଜପୁର,୨୭।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଚମ୍ପାମାଲ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଚମ୍ପେଶ୍ୱର ମନ୍ଦିରରେ ପଞ୍ଚଦୋଳ ମହୋତ୍ସବ ଶୁକ୍ରବାର ରାତି ୮ଟାରେ ଆରମ୍ଭ ହୋଇଛି। ଚମ୍ପେଶ୍ୱର ମହାଦେବ ଗମ୍ଭୀରା ଭିତରୁ ବାହାରି ମଣ୍ଡପରେ ଦୋଳିରେ ବସି ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଏହା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ପାତାଳୀ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି କିଶୋର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରବୀନ୍ଦ୍ର କୁମାର ହୋତା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ନମିତା ହୋତା, ରାଧାକାନ୍ତ ବାଘ, ସତ୍ୟବାନ ପୁରୋହିତ, ଶେଷଦେବ ବାରିକ, ବ୍ରଜ ଗୋପାଳ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଦୋଳଯାତ୍ରା ବା ହରିହର ଭେଟର ନାୟକ ହେଉଛନ୍ତି ଚମ୍ପେଶ୍ୱର ମହାଦେବ। ଏହା ବୀରମହାରାଜପୁର ଅଞ୍ଚଳର ସର୍ବପୁରାତନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ। କମିଟି ତରଫରୁ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିବାରୁ ସମସ୍ତଙ୍କୁ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଡୁମୁରି ଏବଂ ପଣ୍ଡ୍ରି ମଧ୍ୟରେ ମହିଳା ବୈଠକି ଅନୁଷ୍ଠିତ ହେବ। ତୃତୀୟ ସନ୍ଧ୍ୟାରେ ଅନନ୍ତପାଲି ଏବଂ ଫୁଲଚରା ମଧ୍ୟରେ କୀର୍ତନ ବୈଠକି, ଚତୁର୍ଥ ସନ୍ଧ୍ୟାରେ ଶତୋରୁନା ଏବଂ ରୁପେଶ କମେଡି ସୋ ପ୍ରଦର୍ଶନ ହେବ। ଠିକ୍ ସେହିପରି ବଲାଙ୍ଗୀର ରୁଗୁଡ଼ିଖାଲର ଖୁସୁବୁ ଦଣ୍ଡନୃତ୍ୟ ସପୁର ନାଗ ଏବଂ ସାଥିଙ୍କ ଦ୍ୱାରା ପରିବେଷଣ ହେବ। ପୂର୍ଣ୍ଣିମା ରାତ୍ର ୧୧ଟାରେ ଚମ୍ପେଶ୍ୱର ବାବା ମନ୍ଦିରରୁ ବାହାରି ନଗର ପରିକ୍ରମା କରିବା ସହିତ ହରିହର ଭେଟ ପାଇଁ ବୀରମହାରାଜପୁର ମେଳଣ ପଡିଆ ଅଭିମୁଖେ ଯାତ୍ରା କରିବେ। ଘଣ୍ଟ, ଢୋଲ ବାଦ୍ୟ, ଛତି ଛତ୍ର, ଚାମର, ଆଲମ, ମଙ୍ଗଳଖାନ୍ଦୀ ସହ ଚଳିତ ବର୍ଷ ଗଞ୍ଜାମ ଜିଲା ପୋଲସରାର ଯୋଡିଶଙ୍ଖ, ପାଣ୍ଡା ଓ ବଣମଣିଷ ବିଶେଷ ଆକର୍ଷଣ ରହିବ ବୋଲି ଜଣାଯାଇଛି।

**ପ୍ରଥମ ସନ୍ଧ୍ୟା, ଦୋଳିରେ ବସି ଭକ୍ତଙ୍କୁ ଦେଲେ ଦର୍ଶନ**

# ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଭୀମସେନ

**ହରଭଙ୍ଗା,୨୭।୨(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ତିଲେଶ୍ୱର ପଞ୍ଚାୟତ ଘିମୁହାଣି ଗ୍ରାମର ଭୀମସେନ ଦେହୁରୀଙ୍କୁ ୮୦ ବର୍ଷ ଉପରେ ହୋଇଥିବା ବେଳେ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇ ନ ଥିବା ଅଭିଯୋଗ ହୋଇଛି। ୬୦ରୁ ଊର୍ଦ୍ଧ୍ୱ ବୟସର ଗରିବ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୮୦ ବର୍ଷରୁ ଅଧିକ ହୋଇଥିଲେ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବା ପାଇଁ ସରକାରୀ ନିୟମ ରହିଛି। କିନ୍ତୁ ଭୀମସେନ ଭତ୍ତା ପାଇବା ପାଇଁ ବ୍ଲକକୁ ବହୁବାର ଧାଇଁ ଧାଇଁ ନିରାଶ ହୋଇଥିବା କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ସେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବିନିକା,୨୭।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସ୍ନାତକ ମହାବିଦ୍ୟାଳୟରେ ଦୀର୍ଘ ୯ ଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଆତ୍ମରକ୍ଷା ବିଷୟରେ ପ୍ରଶିକ୍ଷଣ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମାଷ୍ଟରଟ୍ରେନର ସାବିତ୍ରୀ ସାହୁ, ନମ୍ରତା ଖେତି ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଭଗବାନ ସାହୁ ସଂଯୋଜନା କରିଥିବାବେଳେ ଖେଳ ପ୍ରଶିକ୍ଷ ମନୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ସମସ୍ତ ଛାତ୍ରୀ ଭାଗ ନେଇଥିଲେ। ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟ ଆତ୍ମରକ୍ଷା ଶିବିର।

# ଗ୍ରାମ୍ୟ ରାସ୍ତା ଅବରୋଧ ନେଇ ତହସିଲଦାରଙ୍କୁ ଅଭିଯୋଗ

**ତରଭା,୨୭।୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୋଛା ଗ୍ରାମପଞ୍ଚାୟତର କିରାସିରା ଗ୍ରାମ୍ୟ ରାସ୍ତାକୁ ଅବରୋଧ ନେଇ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ କିରାସିରା ଗ୍ରାମରୁ ତେଲ ନଦୀକୁ ଯିବା ରାସ୍ତାକୁ ବଲାଙ୍ଗୀରର ଜନୈକ ବ୍ୟକ୍ତି ସୁମନ୍ତ ସାହୁ କୁକୁଡା ଫାର୍ମ ନିମନ୍ତେ ତେଲନଦୀ ଯିବା ରାସ୍ତା ଅବରୋଧ କରୁଥିବାରୁ ଗ୍ରାମବାସୀ ନିଜର ସ୍ନାନ ଶୌଚ ପାଇଁ ତେଲ ନଦୀକୁ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସରକାରଙ୍କ ନିୟମାନୁସାରେ ମଲା କୁକୁଡା ଗୁଡିକୁ ଏଣେ ତେଣେ ନ ଫୋପାଡି ପୋଡିଦେବା କିମ୍ବା ପୋତିଦେବା କଥା କିନ୍ତୁ ଗ୍ରାମବାସୀଙ୍କ କହିବା ମୁତାବକ ମଲା କୁକୁଡାଗୁଡିକ ଏଣେତେଣେ ଫୋପାଡିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଗ୍ରାମବାସୀ ୩୬ଜଣଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ତରଭା ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନରେ ମିତ୍ରବ୍ରତ ମିଶ୍ର, ବସୁ ସାହୁ, ଶିବ ବଗର୍ତ୍ତୀ, ଦ୍ୱିଜ ବଗର୍ତ୍ତୀ, ମନବୋଧ ପୋଡ଼, ହେମନ୍ତ ବଗର୍ତ୍ତୀ, ମହିନ୍ଦ୍ର ବଗର୍ତ୍ତୀ, ସଂକୀର୍ତ୍ତ ବଗର୍ତ୍ତୀ, ଗଣେଶ ନାଗ, ବନିତା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବିନିକା,୨୭।୨ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ଫୁଲମୁଠୀ ଗ୍ରାମରେ ୭ଦିନ ଧରି ଚାଲିଥିବା ନବ ନିର୍ମିତ ମା' ମାହେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସକାଳେ ଷୋଡ଼ଶ ଖମ୍ଭ ପୂଜା, ତୋରଣ ପୂଜା, ମାହେଶ୍ୱରୀ ଦେବୀଙ୍କ ୧୦୮ଉପଚାର ପୂଜା ସହ ହୋମ ଆହୁତି କରାଯାଇଥିଲା। ୧୧ଟା ୨୪ ଗତେ ୧୧ଟା ୩୭ ମଧ୍ୟେ ଧ୍ୱଜା ଓ କଳସ ଶିଖରେ ସ୍ଥାପନ ସହ ଜୁପ ମହାରାଜଙ୍କ ଐଶାନ୍ୟ ସ୍ଥାପନ ଓ ପୂଜା, ପୀଠ ପୂଜା, ବ୍ରହ୍ମଶୀଳା, କୁର୍ମଶିଳା ସ୍ଥାପନ କରାଯାଇଥିଲା। ପରେ ମାହେଶ୍ୱରୀ ଦେବୀଙ୍କୁ ରତ୍ନ ସିଂହାସନରେ ବିଜେ ପୁଷ୍ପାଞ୍ଜଳି ସହ ପୂର୍ଣ୍ଣାହୂତି ହୋଇଥିଲା। ଏଥିରେ ମୁଖ୍ୟ ଆଚାର୍ଯ୍ୟ ଭାବେ ବାସୁଦେବ ହୋତା, ସହଯୋଗୀ ପୂଜକ ଭାବେ ଅଭିନାସ ମିଶ୍ର, ଦାମୋଦର ନନ୍ଦ, ଦେବା ହୋତା, ବିଷ୍ଣୁ ପଣ୍ଡା, ମୋହନ ଦେହେରୀ ଓ ମୁଖ୍ୟ କର୍ତ୍ତା ଭାବେ ବନ ବିହାରୀ ମହାକୁର ଓ ତାଙ୍କ ପତ୍ନୀ ମାଳତୀ, ନାମଯଜ୍ଞ କର୍ତ୍ତା ଭାବେ ରାଖାଲ ବରିହା ଓ ତାଙ୍କ ପତ୍ନୀ ସସ୍ମିତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବକ୍ତା ବିନୋଦ ସାହୁ, ଭଗବତ ବାବାଙ୍କ ଦ୍ୱାରା ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମ ଓ ୨୪ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା। ପରେ ପୁଟୁରୁପାଲି ଗାୟିକା ଦଶମୀ ଭୋଇ, ଭଟଗାଁ ସୁନୀତା ପୁଟେଲଙ୍କ ମଧ୍ୟରେ ମହିଳା ବୈଠକ କୀର୍ତ୍ତନ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଫୁଲମୁଠୀ ଓ ଆଖପାଖ ଗ୍ରାମବାସୀ ସହଯୋଗ କରିଥିଲେ।



ବିନିକା ଫୁଲମୁଠି ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ।

# ହଳଦୀପାଲି ମହିମା ଆଶ୍ରମ ପରିଦର୍ଶନ କଲେ ଜିଲାପାଳ

**ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଉପକଣ୍ଠ ହଳଦୀପାଲି ସ୍ଥିତ ମହିମା ଆଶ୍ରମକୁ ଜିଲାପାଳ ଡ. ନୃପରାଜ ସାହୁ ପରିଦର୍ଶନ କରିଛନ୍ତି। ଜିଲାପାଳ ଡ. ସାହୁ ଆଶ୍ରମ ପରିଦର୍ଶନ କରିବା ସହ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଆଶ୍ରମ କିପରି ଭଲ ଭାବେ ଚାଲିବ ସେ ଦିଗରେ ସହାୟତା କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଆଶ୍ରମର ମୁଖ୍ୟ ସାଧୁ ମାର୍ଗଶିର ଦାସ, ମହିମା ଆଶ୍ରମର ସଭାପତି ରାମଶଙ୍କର ଖମାରୀ, ଶଶାଙ୍କ ଶେଖର ସିଂହଦେଓ, ବାବା ସୁଶାନ୍ତ ମହାରାଜ, ଗୋବିନ୍ଦ ସାହୁ, ସରୋଜ କୁମାର ପାଢୀ, ସୁରଭି ଖମାରୀ, ଲିଲି ଭୋଇ, କୁମୁଦିନୀ ପାଢୀଙ୍କ ସମେତ ହଳଦୀପାଲି, ବଳଦାପାଲି ଓ ଡୁଙ୍ଗୁରିପାଲିର ଗ୍ରାମବାସୀ ଉପସ୍ଥିତ ଥିଲେ।




ମହିମା ଆଶ୍ରମରେ ଜିଲାପାଳ, ସାଧୁସନ୍ଥ ଓ କର୍ମକର୍ତ୍ତା ବୃନ୍ଦ।

# ବରିଷ୍ଠ ନାଗରିକ ସମାଜର ମୁରବି

**ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସଂସ୍କୃତି ଭବନ ଠାରେ ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସଚେତନତା ଶିବିର ଶୁକ୍ରବାର ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ସରକାରୀ ଯୋଜନା, ଡିଜିଟାଲ ସୁରକ୍ଷା ଓ ତାଙ୍କର ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ମୁରବି ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ଡିଜିଟାଲ ଠକାମି ପ୍ରତି ସଦା ସଚେତନ ରହିବାକୁ ବରିଷ୍ଠ ନାଗରିକମାନଙ୍କୁ ଅନୁରୋଧ କରିଥିଲେ। ଅଜଣା ଫୋନ କଲ, ଲିଙ୍କ ଓ ମେସେଜ ମାଧ୍ୟମରେ ଠକେଇ ହେବାରୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ଜିଲା ବରିଷ୍ଠ ନାଗରିକ କମିଟିର ସଦସ୍ୟ ଡ. ପ୍ରଫୁଲ୍ଲ କୁମାର ରଥ, ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ମଞ୍ଚାସୀନ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ବଳ ବ୍ୟକ୍ତିତ୍ୱ ଭାବରେ ଡିଏସପି ଚନ୍ଦ୍ରଶେଖର ଶବର ଓ ଡିଏଜିଏମ୍ ଗୁପ୍ତେଶ୍ୱର ରଣା ଡିଜିଟାଲ ସାକ୍ଷରତା ବିଷୟରେ ଆଲୋଚନା କରିଥିଲେ। ଏଲ୍‌ଡିଏମ କାର୍ତ୍ତିକେଶର ପଣ୍ଡା ଆର୍ଥିକ ସାକ୍ଷରତା ବିଷୟରେ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିଥିଲେ। ସଚେତନତା ଶିବିର ପାଳନ ଅବସରରେ ସକାଳେ ଯୋଗ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଯୋଗ ଶିକ୍ଷକ ମନୋଜ ପଣ୍ଡା ଓ ଦ୍ୟୁତିକୃଷ୍ଣ ପଣ୍ଡା ଯୋଗାଭ୍ୟାସ କରାଇଥିଲେ। ଜିଲାର ଶତାଧିକ ବରିଷ୍ଠ ନାଗରିକ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ,ତରଭା ପ୍ରଭାସ କୁମାର କର୍ଣ୍ଣ ସଭା ସଂଯୋଜନା କରିଥିଲେ। ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଯୁଧିଷ୍ଠିର ଭୋଇ ଓ ଅଞ୍ଜୁଲତା ମିଶ୍ର,ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, କାର୍ଯ୍ୟକ୍ରମ ସହାୟକ ଏବଂ ଏନଆର୍ଡିସି, ଜିଲା ଭିନ୍ନକ୍ଷେମ ପୁନର୍ବାସ କେନ୍ଦ୍ରର କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକବୃନ୍ଦ।

**ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା ଶିବିର**

# ଆଶାକର୍ମୀ କେବଳ ସ୍ୱାସ୍ଥ୍ୟକର୍ମୀ ନୁହନ୍ତି, ବରଂ ସେବାର ପ୍ରତୀକ

## ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)

ଆଶାକର୍ମୀ କେବଳ ଜଣେ ସ୍ୱାସ୍ଥ୍ୟକର୍ମୀ ନୁହନ୍ତି, ସେ ହେଉଛନ୍ତି ସେବା ଓ ବିଶ୍ୱାସର ପ୍ରତୀକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର ଆୟୋଜିତ ଜିଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୫-୨୬'ରେ ମୁଖ୍ୟଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ) ପ୍ରେକ୍ଷାଳୟରେ ଆୟୋଜିତ 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଧାନଙ୍କ ସହିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ(ଏସ୍ଏମ୍ସି) ଆୟୁକ୍ତ ରେହାନ୍ ଖତ୍ରୀ, ରାଜ୍ୟ ଏନ୍ଏଚ୍ଏମ୍ର ବରିଷ୍ଠ ପରାମର୍ଶଦାତା ସୁଶାନ୍ତ କୁମାର ନାୟକ, ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ହୋତା, ସମ୍ବଲପୁର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଭାରତୀୟ ପୋଲିସ ସେବା ଶିକ୍ଷାନବୀଶ କୋମଳ ଗର୍ଗ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପ୍ରଧାନ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ମହିଳା ଆରୋଗ୍ୟ ସମିତି ସଦସ୍ୟାଙ୍କର ଦ୍ୱାୟିତ୍ୱବୋଧ କାମ ପାଇଁ ପ୍ରଶଂସା କରିଥିଲେ। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଆରୋଗ୍ୟ ସମିତି ସଦସ୍ୟାମାନଙ୍କ ଦ୍ୱାୟିତ୍ୱବୋଧତା ଦେଶ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶକୁ ବିକଶିତ କରିବାକୁ ହେଲେ ପ୍ରଥମେ ସମ୍ବଲପୁରର ପ୍ରତ୍ୟେକ ଲୋକଙ୍କୁ ବିକଶିତ କରିବାକୁ ପଡିବ ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ ପ୍ରଧାନ। ପ୍ରଧାନ ମନ୍ତ୍ରୀଙ୍କ ମନକୀବାତରେ ବାଲେଶ୍ୱରର ଆଶାକର୍ମୀ ଯମୁନା ମଣିଙ୍କ କାହାଣୀର ଉଦାହରଣ ଦେଇ ସମସ୍ତଙ୍କୁ ନିଷ୍ଠାର ସହ କାମ କରିବାକୁ ଉତ୍ସାହିତ କରିଥିଲେ। ତେବେ ବିକଶିତ ଦେଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ରୋଜଗାର ଓ ପାନୀୟଜଳ ଭଳି ୫ଟି ବିଷୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ପଞ୍ଚାୟତ ଓ ପ୍ରତ୍ୟେକ ୱାର୍ଡରେ ପରିମଳ ବ୍ୟବସ୍ଥାର ସୁଧାର ହେଲେ ହିଁ ସମଗ୍ର ସମ୍ବଲପୁର ସ୍ୱଚ୍ଛ ହୋଇ ବିକଶିତ ହୋଇପାରିବ ବୋଲି ସେ କହିଥିଲେ। ବିକଶିତ ଭାରତ ପାଇଁ ମନ୍ତ୍ରୀ ଉପସ୍ଥିତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଆରୋଗ୍ୟ ସମିତି ସଦସ୍ୟାଙ୍କୁ ନିଜନିଜର ମନ୍ତବ୍ୟ ପ୍ରଦାନ କରିବାକୁ କହିବା ସହ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ କର୍ମ କ୍ଷେତ୍ରର ଅଭିଜ୍ଞତା ମଧ୍ୟ ପଚାରି ବୁଝିଥିଲେ। ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଆରୋଗ୍ୟ ସମିତି ସଦସ୍ୟାମାନଙ୍କ ସମେତ ସରକାରୀ ଅଧିକାରୀ, ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧି, ବିଭିନ୍ନ କାର୍ଯ୍ୟକ୍ରମର ପରାମର୍ଶଦାତା ଓ ବିଶିଷ୍ଟ ଅତିଥି ସମୂହ ଅଂଶଗ୍ରହଣ କରିଥିଲେ। ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସଦସ୍ୟାମାନଙ୍କୁ ପ୍ରେରିତ କରି ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ମାନର ବୃଦ୍ଧି କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଦ୍ୱାରା ମାତୃ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ, କୈଶୋର ସ୍ୱାସ୍ଥ୍ୟ, ସଂକ୍ରାମକ ରୋଗ, ଅଣସଂକ୍ରାମକ ରୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସୁରକ୍ଷା ଭିତ୍ତିକ ସଚେତନତା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରରେ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ଓ ଶ୍ରେଷ୍ଠ କାର୍ଯ୍ୟ ଦକ୍ଷତା ପାଇଁ ଆଶା, ଗାଁ କଲ୍ୟାଣ ସମିତି ତଥା ମହିଳା ଆରୋଗ୍ୟ ସମିତି ସଦସ୍ୟାମାନଙ୍କ ସହିତ ରାଷ୍ଟ୍ରୀୟ ଗୁଣବତ୍ତା ସୂଚକ ମାନଦଣ୍ଡ ପ୍ରମାଣିତ ସ୍ୱାସ୍ଥ୍ୟ ସଂସ୍ଥା ଓ ସ୍ୱାସ୍ଥ୍ୟସେବୀମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।


ଜିଏମ୍ୟୁ ପ୍ରେକ୍ଷାଳୟରେ ଜିଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀରେ ଅତିଥିମାନେ।

## ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଉଦ୍ଯାପିତ

ନାକଟିଦେଉଳ,୨୭।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨ ତାରିଖ ଠାରୁ ଚାଲିଥିବା ନୂତନ ଶିକ୍ଷାନୀତି ଅନୁଯାୟୀ ପ୍ରବୋଧନ ତାଲିମ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦ ପ୍ରାଥମିକ ବିଦ୍ୟାଳୟଠାରେ ୪ ଟି ପର୍ଯ୍ୟାୟରେ ୭ଟି ଭେନ୍ୟୁରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୮ଜଣ ସାଧନ କର୍ମୀ ତାଲିମ ପ୍ରଦାନ କରିଥିବା ବେଳେ ସମୁଦାୟ ୩୫୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଶେଷ ପର୍ଯ୍ୟାୟରେ ଏହି ଶିବିରରେ ପ୍ରଶିକ୍ଷକ ଭାବେ ବ୍ରଜଚନ୍ଦ୍ର ସାହୁ, ବୈକୁଣ୍ଠନାଥ ପ୍ରଧାନ, ହରିଶ୍ଚନ୍ଦ୍ର ଦେହୁରୀ ଏବଂ ଜିତେନ୍ଦ୍ରିୟ ସାହୁ ପ୍ରମୁଖ ୩୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ତାଲିମ ପ୍ରଦାନ କରିଥିଲେ। ଗତ ୨ ତାରିଖରେ ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଉଦ୍‌ଘାଟନ କରିଥିବା ବେଳେ ଉଦ୍ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ସାହୁ ଯୋଗଦେଇ ଓଡ଼ିଶା ପାଠ୍ୟକ୍ରମ ଆଧାରରେ ନୂତନ ପାଠ୍ୟ ପୁସ୍ତକ ଗୁଡିକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆଗାମୀ ଶିକ୍ଷା ବର୍ଷରେ ଶିକ୍ଷାର୍ଥୀଙ୍କ ସମ୍ମୁଖରେ କିପରି ପରିଚାଳନା କରିବେ ଏବଂ ନୂତନ ଶିକ୍ଷା ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷାର୍ଥୀଙ୍କ ଦଳରେ ପ୍ରମୋଦିନୀ ସାହୁ ପ୍ରାର୍ଥନା ବୋଲିବା ସହ ମାଧୁରୀ ଠେଲା ପ୍ରାଚୀର ପତ୍ର, ରିଙ୍କୁ ପ୍ରଧାନ ମୁଖ୍ୟାଂଶ ଏବଂ ବୁଲେଟ ପ୍ରଧାନ ବିବରଣୀ ପଠନ କରିଥିଲେ। ଶେଷରେ ରଞ୍ଜନରଶ୍ମି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମାତୃଭାଷାର ସୁରକ୍ଷା ପାଇଁ ସଂକଳ୍ପ


ଭାରତୀୟ ଭାଷା ଅଭିଯାନ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)

ଭାରତୀୟ ଭାଷା ଅଭିଯାନ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ତରଫରୁ ବିଶ୍ୱ ମାତୃଭାଷା ଉପରେ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ଶୁକ୍ରବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବରେ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡ. ଉତ୍ତମ କୁମାର ପ୍ରଧାନ, ମୁଖ୍ୟ ବକ୍ତାଭାବେ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡ. ସୁନୀଲ କୁମାର ଗୁରୁ ଏବଂ ସମ୍ମାନିତ ଅତିଥିଭାବେ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ତ୍ରିଲୋଚନ ତ୍ରିପାଠୀ ଯୋଗ ଦେଇଥିଲେ। ଆଲୋଚନା କାର୍ଯ୍ୟକ୍ରମରେ ପ୍ରଥମେ ମାତୃଭାଷା ଉପରେ ଗୀତ ଜରିଆରେ ତ୍ରିଲୋଚନ ତ୍ରିପାଠୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅଧ୍ୟାପକ ଡ. ଉତ୍ତମ କୁମାର ପ୍ରଧାନ କହିଥିଲେ ଯେ, ମାତୃଭାଷା ହିଁ ଆମ ସମସ୍ତଙ୍କର ସ୍ଥିତି, ପରିଚୟ ଏବଂ ଭବିଷ୍ୟତ। ଜନ୍ମ ହେବା ପର ଠାରୁ ପ୍ରଥମେ ଆମେ ସମସ୍ତେ ମା'ଙ୍କ ଭାଷାରେ ହିଁ ସବୁ କଥା ବୁଝିବା ଆରମ୍ଭ କରିଥାଉ। ସେଥିପାଇଁ ନିଜ ମାତୃଭାଷାରେ ଆମ ମନ ଭିତରେ ସମସ୍ତ ଭାବନା ସୃଷ୍ଟି ହୋଇଥାଏ। ସେହିପରି ମୁଖ୍ୟ ବକ୍ତା ସହଯୋଗୀ ପ୍ରଫେସର ଡ. ସୁନୀଲ କୁମାର ଗୁରୁ କହିଥିଲେ ଯେ, ମାତୃଭାଷାର ବିକାଶ ସହ ଅଞ୍ଚଳର ଭାଷା ସଂସ୍କୃତି ଏବଂ ପରମ୍ପରା ମଧ୍ୟ ଜଡିତ ରହିଥାଏ। ତେଣୁ ଏହାର ବିକାଶ ଆମ ସମସ୍ତଙ୍କ ଦାୟିତ୍ୱ। କାର୍ଯ୍ୟକ୍ରମରେ ମାତୃଭାଷା ବିଷୟରେ ସଦସ୍ୟମାନେ ନିଜର ମତ ଉପସ୍ଥାପନ କରି ଆଲୋଚନା କରିଥିଲେ। ସମସ୍ତେ ମାତୃଭାଷାର ବିକାଶ କଥା ଏବଂ ନିଜ ନିଜ ଅଞ୍ଚଳର ଲୋକ ମାତୃଭାଷାର ଅଧିକରୁ ଅଧିକ ବ୍ୟବହାର କିପରି କରାଯାଇ ପାରିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତେ ଏକାଠି ହୋଇ ସବୁ କ୍ଷେତ୍ରରେ ମାତୃଭାଷାର ବ୍ୟବହାର ଏବଂ ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ସଭାରେ ସଭାପତି ରତନଲାଲ ଶର୍ମା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ପ୍ରହଲ୍ଲାଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦ୍ଧବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭାରତୀୟ ଭାଷା ଅଭିଯାନର ଜୀବନାନନ୍ଦ ଷଡଙ୍ଗୀ ଆୟୋଜନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କୁଲେଇଗଡ଼ ପଞ୍ଚାୟତରେ ପାଣି ସମସ୍ୟା

କୁଚିଣ୍ଡା,୨୭।୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଲେଇଗଡ଼ ପଞ୍ଚାୟତ କୁଡାପଡା ଗ୍ରାମର ୧୦ ନମ୍ବର ୱାର୍ଡ଼ରେ ପିଇବା ପାଣି ସମସ୍ୟା ଦେଖା ଦେଇଛି। ଏହି ୱାର୍ଡ଼ରେ ୫ଟି ନଳ କୂପ ରହିଥିଲେ ହେଁ ତନ୍ମଧ୍ୟରୁ ୨ଟିରେ ସମସ୍ୟା ରହିଛି। ଗୋଟାକରେ ଆବଶ୍ୟକୀୟ ପାଣି ଆସୁ ନ ଥିବା ବେଳେ ଅନ୍ୟଟିରେ ହଳଦିଆ, ଲାଲ ପାଣି ସହ ପୋକ ବାହାରୁଛି। ଯାହାକି ପିଇବା ଉପଯୋଗୀ ହୋଇ ପାରୁନାହିଁ। ଏବେ ଗ୍ରୀଷ୍ମ ଆଗମନ ହୋଇଥିବା ବେଳେ ପାଣି ସମସ୍ୟା ଯୋଗୁ ୱାର୍ଡବାସୀ ଚିନ୍ତାରେ ପଡ଼ିଛନ୍ତି। ଏନେଇ ୱାର୍ଡ଼ ମେମ୍ବର ସରୋଜ ମେହେର ଓ ଗଣେଷ ପୋଡ଼ ନୂତନ ନଳକୂପ ପାଇଁ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କୁ ଲିଖିତ ଜଣାଇଛନ୍ତି। ସମସ୍ୟା ସମାଧାନ ନିମନ୍ତେ ବିଡ଼ିଓ ସାହୁ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।

### ସମ୍ବଲପୁର କଳାକେନ୍ଦ୍ରରେ ନାଟ୍ୟକର୍ମୀଙ୍କ ବୈଠକ

ସମ୍ବଲପୁର,୨୭।୨(ବି.ଶଙ୍କର)

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏବଂ ଭୁବନେଶ୍ୱର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମାର୍ଚ୍ଚ ୯ ରୁ ୧୩ ପର୍ଯ୍ୟନ୍ତ ପ୍ରଥମ ରାଜ୍ୟ ସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ ହେବ। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ହେବାକୁ ଥିବା ଏହି ରଙ୍ଗ ସଙ୍ଗମରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ସହଯୋଗ କରିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ଆବାହକତ୍ୱରେ ଶୁକ୍ରବାର ସମ୍ବଲପୁର କଳା କେନ୍ଦ୍ରଠାରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରର ବିଭିନ୍ନ ନାଟ୍ୟ ଅନୁଷ୍ଠାନର ନାଟ୍ୟକର୍ମୀମାନେ ସାମିଲ ହୋଇଥିଲେ। ମହୋତ୍ସବର ସଫଳ ରୂପାୟନ କେମିତି ହେବ, ସେ ଉପରେ ନାଟ୍ୟକର୍ମୀମାନେ ନିଜ ନିଜ ମତ ମନ୍ତବ୍ୟ ରଖିଥିଲେ। ବୈଠକରେ ଏକାଡେମୀର କାର୍ଯକାରୀ ସଦସ୍ୟ ନୃତ୍ୟଗୁରୁ ରଞ୍ଜନ କୁମାର ସାହୁଙ୍କ ସମେତ ଡ. ସୁରୁବାବୁ ମେହେର, ବିପିନ ବିହାରୀ ଦାଶ, ସନ୍ତୋଷ ମିଶ୍ର, ପ୍ରଶାନ୍ତ ମହାରଣା, ଦିଲ୍ଲୀପ କୁମାର ଦେବ, ଜଗଦୀଶ ନାରାୟଣ ମହାପାତ୍ର, ପୁଷ୍ପାଞ୍ଜଳି ବେହେରା, ସତ୍ୟ ରଞ୍ଜନ ବେହେରା, ପ୍ରଶାନ୍ତ କୁମାର ମାଝୀ, ସଞ୍ଜୀବ କୁମାର ପାଢ଼ୀ, ଆଶିଷ କୁମାର ସୋନାର, ଡ. ସିଦ୍ଧାର୍ଥ କୁମାର୍ ପଣ୍ଡା, ବିରୁପାକ୍ଷ ପ୍ରଧାନ, ମମତା ପଣ୍ଡା, ଡ. ଅତିଶ କୁମାର ଶତପଥୀ, ମାନସ ରଞ୍ଜନ ମିଶ୍ର, ଜୟଶ୍ରୀ ପୁରୋହିତ, ସୌମ୍ୟଜିତ ବଡ଼ପଣ୍ଡା, ସଂଗୀତା ସାହୁ, ସୁଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ରଞ୍ଜନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭଙ୍ଗାଘରେ ଜୀବନ ବିତାଉଛନ୍ତି ଭୁତୁଲୁଙ୍କ ପରିବାର


ଭୁତୁଲୁ ପ୍ରଧାନଙ୍କ ଭଙ୍ଗା ଦଦରା ଘର।

### ଗ୍ରାମୀଣ ଆବାସ ଯୋଜନାର ବିକଳ ଚିତ୍ର

କୁଚିଣ୍ଡା,୨୭।୨(ବିରଞ୍ଚି ଦର୍ଜୀ)

ଗରିବ ପରିବାରଙ୍କୁ ଘର ଯୋଗାଇ ଦେବା ପାଇଁ ସରକାର ଗ୍ରାମୀଣ ଆବାସ ଯୋଜନାରେ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହି ଯୋଜନା ବାଟବଣା ହୋଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁ ନ ଥିବା ଦେଖିବାକୁ ମିଳିଛି। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଚାରଭାଟି ଗ୍ରାମରେ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି। ଘର ପାଇଁ ଯୋଗ୍ୟ ହୋଇ ମଧ୍ୟ ଏହି ଯୋଜନାରେ ଘର ଖଣ୍ଡିଏ ନ ପାଇ ବାଧ୍ୟ ହୋଇ ଭୁତୁଲୁ ପ୍ରଧାନଙ୍କ ପରିବାରର ସାତ ଜଣ ସଦସ୍ୟ ବିପଦସଙ୍କୁଳ ଅବସ୍ଥାରେ ଭଙ୍ଗା ଦଦରା ଘରେ ଦୀର୍ଘଦିନ ଧରି ରହୁଛନ୍ତି। ସୂଚନା ଅନୁଯାୟୀ, ବକ୍ସମା ପଞ୍ଚାୟତରେ ଅନେକ ସ୍ୱଚ୍ଛଳ ପରିବାର ୨ଟି ଲେଖାଏ ଘର ପାଇଥିବା ବେଳେ ଭୁତୁଲୁ ଯୋଗ୍ୟ ହୋଇ ମଧ୍ୟ ଘର ଖଣ୍ଡିଏ ପାଇ ନାହାନ୍ତି। ଘର ପାଇଁ ବାରମ୍ବାର ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଭାଗ୍ୟକୁ ଆଦରି ସେହି ଭଙ୍ଗା ଘରେ ପରିବାର ସଦସ୍ୟଙ୍କ ସହ ରହୁଛନ୍ତି। ଭୁତୁଲୁ ବର୍ତ୍ତମାନ ଶଯ୍ୟାଶାୟୀ ହୋଇ ଘରେ ପଡିଛନ୍ତି। ସେ ଆଉ ପୂର୍ବଭଳି ଧାଁ ଦୌଡ଼ କରିପାରୁ ନାହାନ୍ତି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କୁ ପଚାରିବାରୁ, ଭୁତୁଲୁଙ୍କ ଘର ନେଇ ସୂଚନା ପାଇ ବକ୍ସମା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ତାଙ୍କଠାରୁ ରିପୋର୍ଟ ପାଇବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବର୍ତ୍ତମାନ ଅନ୍ତ୍ୟୋଦୟ ଯୋଜନାରେ ବକ୍ସମା ପଞ୍ଚାୟତକୁ ୧୧ଟି ଘର ଆସିଥିବା ବେଳେ ଭୁତୁଲୁଙ୍କୁ ଘର ମିଳୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ଆଦିତ୍ୟ ଆଲୁମିନିୟମ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ

ସମ୍ବଲପୁର,୨୭।୨(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସମ୍ବଲପୁର ଜିଲା ବୋମାଲୋଇ ଗ୍ରାମ ପଞ୍ଚାୟତ ତିଲେଇମାଳ ଗ୍ରାମର ଓରାମପଡାରେ ପକ୍କା ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଓ ପ୍ରକଳ୍ପ ମୁଖ୍ୟ ଦୀପକ ଦାସ, ସିଭିଲ ମୁଖ୍ୟ ରଞ୍ଜିତ କୁମାର, ମନୋଜ ଶର୍ମା, ନୀଳମାଧବ ପତି, ପ୍ରକଳ୍ପ ମାନବ ସମ୍ବଳ ବିଭାଗର କୁନ୍ତଳ ଦାସ, ସ୍ନେହା ନାୟକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷ ଦେବ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଆଦିତ୍ୟ ଆଲୁମିନିୟମ ଲପଙ୍ଗାର ଅଧିକାରୀମାନେ ଉପସ୍ଥିତ ଥିଲେ। ପକ୍କା ରାସ୍ତା ନିର୍ମାଣ ମାଧ୍ୟମରେ ଗ୍ରାମୀଣ ପ୍ରାଥମିକ ଢାଞ୍ଚାକୁ ସୁଦୃଢ଼ କରିବା ସହ ଓରାମପଡାର ବାସିନ୍ଦାମାନଙ୍କ ପାଇଁ ଭଲ ସଂଯୋଗ ସୁବିଧା ନିଶ୍ଚିତ ହେବ। ସେହିପରି କମ୍ପାନୀର ଆଖପାଖ ଗ୍ରାମଗୁଡିକର ସାମୂହିକ ଉନ୍ନୟନ ଓ ମୌଳିକ ସୁବିଧାର ବିକାଶ ପ୍ରତି ଅବିରତ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି। ଉକ୍ତ କାର୍ଯ୍ୟକ୍ରମ ସିଏସଆର ମୁଖ୍ୟ ରବି ନିୱାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ପଞ୍ଚମୁଖୀ ହନୁମାନ ମନ୍ଦିରର କୁମ୍ଭ ଭରଣ

ପଡ଼ିଆବାହାଲ୨୭।୨(ରାଧାମୋହନ ଷଡ଼ଙ୍ଗୀ)

ଜୁଯୋମୁରା ବ୍ଲକ ସଦର ଥାନା ଅନ୍ତର୍ଗତ ପଡିଆବାହାଲ ବଜାର ପରିସରରେ ନବ ନିର୍ମାଣଧୀନ ପଞ୍ଚମୁଖୀ ହନୁମାନ ମନ୍ଦିରର କୁମ୍ଭ ଭରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଏକମାତ୍ର ପଞ୍ଚମୁଖୀ ହନୁମାନ ମନ୍ଦିରର କୁମ୍ଭ ପୂରଣ ଉତ୍ସବରେ ରଶ୍ମି ରଞ୍ଜନ ନାଥ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲା ବେଳେ ପଣ୍ଡିତ ମହେଶ୍ୱର ନାୟକ, ଶ୍ରୀକାନ୍ତ ପଣ୍ଡା, ଶିବଶଙ୍କର ପଣ୍ଡା ଓ ସୁନନ୍ଦ ମାଝି ପୂଜା ହୋମ ଆଦି କରିଥିଲେ। ହନୁମାନ ମନ୍ଦିର କମିଟି ସଦସ୍ୟମାନେ ଶାନ୍ତିଶୃଙ୍ଖଳା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ମାନସ ଓ ଦଳ ଆଧୁନିକ କୃଷ୍ଣଗୁରୁ ଭଜନ ପରିବେଷଣ କରିଥିଲେ।

## ଲାଞ୍ଚ ମାମଲାରେ ପୂର୍ବତନ ଟ୍ରାଫିକ୍ ଏସ୍ଆଇଙ୍କୁ ଜେଲ ଦଣ୍ଡ

### ପେନ୍‌ସନ ବନ୍ଦ ପାଇଁ ସୁପାରିସ ପ୍ରକ୍ରିୟା ଆରମ୍ଭ

ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)

ସମ୍ବଲପୁର ଭିଜିଲାନ୍ସ ବିଭାଗରେ ୨୦୧୧ ମସିହାରେ ରୁଜୁ ଏକ ଲାଞ୍ଚ ମାମଲାରେ ପୂର୍ବତନ ଟ୍ରାଫିକ ସବ୍-ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ପୁଟେଲଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରିଛନ୍ତି। ତତ୍କାଳୀନ ସମ୍ବଲପୁର ଟ୍ରାଫିକ ସବ୍ ଇନ୍ସପେକ୍ଟର ପୁଟେଲ୍ ଜଣେ ଅଟୋ ଚାଳକଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ କୋର୍ଟ ବିଚାରପତି ୨ ବର୍ଷ ସଶ୍ରମ କାରାଦଣ୍ଡ ସହିତ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ୨୦୧୧ରେ ଜଣେ ଅଟୋ ଚାଳକଙ୍କ ଜବତ ଅଟୋରିକ୍ସାକୁ ଛାଡ଼ିବା ଏବଂ ତାଙ୍କ ବିରୋଧରେ ରୁଜୁ ମାମଲା ରଫାଦଫା କରିବା ପାଇଁ ସବ୍ ଇନ୍ସପେକ୍ଟର ପୁଟେଲ ଚାଳକଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଟୋ ଚାଳକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପାଇବା ପରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଦଳ ଲାଞ୍ଚଟଙ୍କା ନେଲା ବେଳେ ପୁଟେଲଙ୍କୁ ଧରିଥିଲେ। ଏହାବାଦ ତାଙ୍କ ବିରୋଧରେ ଭିଜିଲାନ୍ସ କେସ୍ ନମ୍ବର ୧୫/୨୦୧୧ରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଚାର୍ଜସିଟ୍ ଦାଖଲ ପରେ କୋର୍ଟରେ ଶୁଣାଣି ଆରମ୍ଭ ହୋଇ ଶୁକ୍ରବାର ପ୍ରକାଶ ହୋଇଥିବା ଏହି ମାମଲାର ରାୟରେ ପୁଟେଲ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଫଳରେ ତାଙ୍କୁ ଜେଲଦଣ୍ଡାଦେଶ ସହିତ ତାଙ୍କର ଅବସରକାଳୀନ ପେନସନ ବନ୍ଦ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଆବେଦନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି।

## ଶିକ୍ଷା ସହ ଶୈକ୍ଷିକ କାର୍ଯ୍ୟକଳାପ ତାଲିମ ଦେବା ଆବଶ୍ୟକ

### ନିର୍ଗୁଣପଡା ୟୁଜି ଏମ୍ଇ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର,୨୭।୨(ବି.ଶଙ୍କର)



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର ଜିଲା ଧନକାଉଡା ବ୍ଲକ ଅନ୍ତର୍ଗତ ନିର୍ଗୁଣପଡା ୟୁଜି ଏମଇ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଗୋଷ୍ଠୀ ଅଧିକାରୀ କରଣ ଶର୍ମା ଯୋଗଦେଇ ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ଧନକଉଡା ବିଆର୍‌ସିସି ରମେଶ ମିଶ୍ର ଓ କାଇଁଶିର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଶୈଳସୁତା ପାଢ଼ୀ, କାଇଁଶିର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଜତ କୁମାର ପୂଜାରୀ, ଖବରଦାତା ସରୋଜ କୁମାର ସାହୁ, ଦୁଲାଲ ଚନ୍ଦ୍ର ରାୟ, ସାମାଜିକକର୍ମୀ ଗିରିଜା ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟଗୁଡିକରେ ଉତ୍ତମ ପାଠପଢ଼ା ହେବା ଜରୁରୀ। କିନ୍ତୁ ପାଠ ପଢ଼ା ସହ ଛାତ୍ରୀଛାତ୍ରଙ୍କୁ ଶୈକ୍ଷିକ କାର୍ଯ୍ୟକଳାପ ବିଷୟରେ ତାଲିମ ପ୍ରଦାନ କରିବା ଆବଶ୍ୟକତା ରହିଛି। ଯଦ୍ୱାରା ଭବିଷ୍ୟତରେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ଓରାମ, ଦେବାଶିଷ ଭୋଇ, ରୂପେନ ଡୁମଡୁମ, ଶତ୍ରୁଘ୍ନ ସେଠ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସଭାକାର୍ଯ୍ୟ ପୂର୍ବରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବବ୍ରୁବାହନ ଭୋଇ ବାର୍ଷିକ ବିବରଣୀ ପଠନ କରି ସଭାରେ ଅଧକ୍ଷତା କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ କାଇଁଶିର ମଣ୍ଡଳ ଅନ୍ତର୍ଗତ ବିଦ୍ୟୁତ୍ କଲୋନୀ ଶିକ୍ଷୟିତ୍ରୀ ମୋନମୋହିନୀ ସିବିଲି, ମାଖାନ ପଡା ବିଦ୍ୟାଳୟ ଶିକ୍ଷୟିତ୍ରୀ ମମତା ସାହୁ, ଜୁଆନପାଲି ସରୋଜିନୀ ନାୟକ, କାଇଁଶିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଅନ୍ତୀ ଓରାମ, କାଇଁଶିର ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶାନ୍ତି ଲତା ବେହେରାଙ୍କୁ ବ୍ଲକ ଗୋଷ୍ଠୀ ଅଧିକାରୀ ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ଗୀତ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଲଚନା ମିଶ୍ର, ତନ୍ମୟା ମାଝୀ, ବିଷ୍ଣୁପ୍ରିୟ ରଥ, କାମିନୀ ମୁଣ୍ଡା, ଅବନ୍ତି ଓରାମ ପ୍ରମୁଖ ସହଯୋଗ କରିଥିଲେ।

